# କେତେ ଦିଗନ୍ତ

୨-୭-୬୭

ମନୋଜ ଦାସ

## ଯୌବନାୟନ

"ବାର୍ଦ୍ଧକ୍ୟ ! ତୁମକୁ ମୋର ଘୃଣା,
ଯୌବନ ! ତୁମକୁ ମୋର ଆରାଧନା ।"
( ସେକ୍ସପିୟର : ଦ ପ୍ୟାସନେଟ ପିଲଗ୍ରିମ )

ସେକ୍ସପିୟରଙ୍କର ଏହି ବହୁଳ-ଉଦ୍ଧୃତ ଉଚ୍ଚାରଣୀ ( Age, I do abhor thee; youth, I do adore thee ) ସୋଭିଏଟ୍ ରୁଷିଆର ଆଜାରବାଇଜାନସ୍ଥିତ ଜନୈକ ବୈଜ୍ଞାନିକଙ୍କୁ କେତେଦୂର ଅନୁପ୍ରାଣିତ କରିଛି ଜଣାନାହିଁ, ତେବେ ଯୁଗଯୁଗ ବ୍ୟାପୀ ମନୁଷ୍ୟର ଅନ୍ତଃକରଣ ଯେଉଁ ଦୁର୍ଜେୟ ଅଭୀପ୍ସାକୁ ସ୍ୱୟଂ ସେକ୍ସପିଅର ଉକ୍ତ ପଦରେ ଅଭିବ୍ୟକ୍ତ କରିଛନ୍ତି, ସେହି ଅଭୀପ୍ସା ମଧ୍ୟ ବୈଜ୍ଞାନିକ ଜଣଙ୍କୁ ଅନୁପ୍ରାଣିତ କରିଛି ନିଶ୍ଚୟ । ସେ ଏଭଳି ଏକ ସଞ୍ଜୀବନୀ ପ୍ରସ୍ତୁତ କରୁଛନ୍ତି, ଯାହା ବୃଦ୍ଧଙ୍କୁ ତରୁଣ ବନାଇ ଦେବ । ତାଙ୍କ ଉଦ୍ୟମ ସାଫଲ୍ୟ ମାର୍ଗରେ କେତେଦୂର ଅଗ୍ରସର ହେଲାଣି, ସେ ସମ୍ପର୍କରେ ବିଶଦ ବିବରଣୀ ଜଣାନାହିଁ; କିନ୍ତୁ ଦୂର ଦେଶବିଦେଶରେ ଏ ବାର୍ତ୍ତା ଜାଣିବା ସକାଶେ ଆଗ୍ରହର ଅନ୍ତ ନାହିଁ । ଏପରିକି ଭାରତବର୍ଷର ଲୋକସଭାରେ ୧୯୬୪ ମସିହାରେ ଏ ସମ୍ପର୍କରେ ସରକାରଙ୍କୁ ଯେଉଁ ପ୍ରଶ୍ନ ହୋଇଥିଲା ଓ ସରକାର ଯଥାସାଧ୍ୟ ଅନୁସନ୍ଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ସେ ଦିଗରେ କେତେ ଦୂର କ'ଣ ହେଲା ବୋଲି ପୁଣି ଗତ ଜୁନ ୧୯ ତା.ରେ ଲୋକସଭାରେ ପ୍ରଶ୍ନ ହୋଇଛି । ସରକାର ମସ୍କୋସ୍ଥିତ ଭାରତୀୟ ଦୂତାବାସରୁ ବିବରଣୀ ସକାଶେ ଅପେକ୍ଷା କରିଛନ୍ତି । (୨୦।୬।୬୭ର 'ଦି ହିନ୍ଦୁ'ର ଦିଲ୍ଲୀସ୍ଥ ସମାଚାର ସୂତ୍ରରେ ସମ୍ବାଦଟି ପ୍ରକାଶିତ) ।

ଯୌବନର ପୁନରୁଜ୍ଜୀବନ ଦିଗରେ ମଣିଷର ପ୍ରଚେଷ୍ଟା ପ୍ରାଗୈତିହାସିକ । ଆଦିମ ମଣିଷ ନାନାଦି ଅନ୍ଧ ଅନୁଷ୍ଠାନ, ଦ୍ରବ୍ୟଗୁଣ ସାହାଯ୍ୟରେ ଏ ଦିଗରେ ଉଦ୍ୟମ କରିଥିବାର ବହୁ ପ୍ରମାଣ ରହିଛି । ଅତୀତର ଜଣେ ସମ୍ରାଟ ଏ ଦିଗରେ ଜନ ଜନର ସର୍ବସ୍ୱ ବିନିଯୋଗ କରିଛନ୍ତି ମଧ୍ୟ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଚୈନିକ ସମ୍ରାଟ 'ଭୁ ତି'ଙ୍କର ରାଜତ୍ୱର ଇତିହାସ ହିଁ ଏହି ଦିଗରେ କ୍ରମାଗତ ସନ୍ଧାନ ଓ ବିଫଳତାର ଇତିହାସ । ଦିନେ ଗୋଟିଏ ରାସ୍ତା କଡ଼ରେ 'ଭୁ ତି' ଜଣେ ଉଜ୍ଜ୍ୱଳ-ଦର୍ଶନ ବୃଦ୍ଧଙ୍କୁ ଦେଖି ତାଙ୍କର ବୟସ ସଂପର୍କରେ ପୃଚ୍ଛା କରନ୍ତେ, ବୃଦ୍ଧ କହିଲେ, "ଯେତେବେଳେ ମୋର ବୟସ ୮୫ ବର୍ଷ ହୋଇଥିଲା, ସେତେବେଳେ ମୋ କଳେବରର ଗଳିତ ଅବସ୍ଥା— ମୃତ୍ୟୁ ପ୍ରାୟ ମାଡ଼ି ଆସୁଥିଲା..." କିନ୍ତୁ ସେହି ସମୟରେ ବୃଦ୍ଧ ଜଣେ ତାଓଇଷ୍ଟଙ୍କୁ ଭେଟିଲେ, ତାଙ୍କଠାରୁ ଏଭଳି କିଛି ରହସ୍ୟାବୃତ ଔଷଧର ସନ୍ଧାନ ପାଇଲେ, ଯାହା ଫଳରେ "ବାର୍ଦ୍ଧକ୍ୟ ହେଲା ଯୌବନରେ ପରିଣତ, ଶିରରେ ପୁଣି ଗଜୁରି ଉଠିଲା କୃଷ୍ଣକେଶ, ଗଳିତ ଦନ୍ତ ସବୁ ସ୍ଥାନରେ ନୂତନ ଦନ୍ତର ଉଦ୍ଗମ ହେଲା— ବର୍ତ୍ତମାନ ଏ ଗରିବର ବୟସ ୧୮୦" (ବାଷ୍ଟାଡ ଲର୍‌ଲିନ) ।

କହିବା ବାହୁଲ୍ୟ, ପୁରାଣର ରାଜା ଯଯାତିଙ୍କ ଯୁଗରୁ ହିଁ ଯୌବନ ଫେରି ପାଇବା ନିମନ୍ତେ ମଣିଷର ଯେଉଁ ବ୍ୟାକୁଳତା ଥିଲା, ଆଜି ତାହା କିଛିଟା ଚ୍ୟାଲେଞ୍ଜରେ ପରିଣତ ହୋଇ ଯାଇଛି । ଅମାପ ବୈଜ୍ଞାନିକ ଜ୍ଞାନର ଅଧିକାରୀ ମଣିଷ କାହିଁକି ଏ ଦିଗରେ କିଛି କରି ନ ପାରିବ ? ଆଜି ତେଣୁ ସମୃଦ୍ଧିଶାଳୀ ଦେଶସମୂହରେ ଏ ବିଷୟରେ ବେଶ ସମାରୋହ ଗବେଷଣା ଚାଲିଛି । (ଏବଂ ଗୋଟାଏ ଜନଶ୍ରୁତି ମଜାକଥା ଏଠାରେ ଏ ସଂପର୍କରେ ମନେ ପଡ଼ି ଯାଉଛି : ଜଣେ ଯୁବକଙ୍କର ବୃଦ୍ଧ ଜେଜେବାପା ଓ ଜେଜେମା ବିଦେଶ ଯାଇଥିଲେ । ଦିନେ ଯୁବକଟି ଘରରେ ଶୋଇଥିବା ବେଳେ କବାଟ ଖଡ଼ ଖଡ଼ ହେବାରୁ ସେ ଖୋଲି ଦେଖନ୍ତି, ପାହାଚ ଉପରେ ଛିଡ଼ା ହୋଇଛନ୍ତି ଜଣେ ଯୁବତୀ, କାଖରେ ତାଙ୍କର ଶିଶୁଟିଏ । ଯୁବକଟି ଜିଜ୍ଞାସୁ ନୟନରେ ଅନାଇବାରୁ ଆଗନ୍ତୁକା ପ୍ରାୟ କାନ୍ଦ କାନ୍ଦ ହୋଇ କହିଲେ "କ'ଣ ପୁଅ, ତୋ' ଜେଜେମାକୁ ଚିହ୍ନି ପାରୁ ନାହୁଁ ? ଅବଶ୍ୟ ବୟସ ହ୍ରାସକାରୀ' ବଟିକା ଖାଇ ମୁଁ ଏମିତି ଦେଖା ଯାଉଛି ।" ଯୁବକ ହତବମ୍ବ ହୋଇ ପଚାରିଲେ, "କିନ୍ତୁ କାଖରେ ଏ ଶିଶୁ କିଏ ?" ମହିଳା ଆହୁରି କାନ୍ଦ କାନ୍ଦ ହୋଇ କହିଲେ, "ହାୟ ! ତୋ' ଜେଜେବାପାଙ୍କୁ ଚିହ୍ନି ପାରୁନାହୁଁ ? ଅବଶ୍ୟ ତାଙ୍କର ଟିକିଏ ଓଭର୍‌ଡୋଜ୍ ହୋଇ ଯାଇଛି !)

ହୁଏତ ଦିନେ ଏ ଦିଗରେ କିଛିଟା ସାଫଲ୍ୟ ମିଳିବା ସମ୍ଭବପର ହେବ । ହୁଏତ କୌଣସି ଗବେଷଣାଗାରରେ ଇତିମଧ୍ୟରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଆଲ୍‌କେମିଷ୍ଟମାନେ ବିଶ୍ୱାସ କରୁଥିବା "ଏଲିକ୍‌ସିର୍"ର ରାସାୟନିକ ଉଦ୍‌ଭାବନ ସମ୍ଭବପର ହୋଇ ସାରିବଣି; କିନ୍ତୁ ସର୍ବୋପରି ପ୍ରଶ୍ନ ଉଠେ, ଲାଭଟି କ'ଣ ? ଆଜିର ଉଚ୍ଛୃଙ୍ଖଳ, ଉନ୍ମତ୍ତ ଜଗତରେ ବାର୍ଦ୍ଧକ୍ୟ ଯେତିକିଟା ସ୍ଥିରତା ଓ ପ୍ରଶାନ୍ତି ବାଧ୍ୟତାମୂଳକ ଭାବରେ ଆନୟନ କରେ, ସେତିକ ମଧ୍ୟ ଯଦି ଆଉ ସମ୍ଭବ ନ ହୁଏ, ତେବେ ଏ ସଭ୍ୟତାର ଭବିଷ୍ୟତ କ'ଣ ? ବହୁଦିନ ଧରି

( ୪ର୍ଥ ପୃଷ୍ଠା ଦେଖନ୍ତୁ )

## କେତେ ଦିଗନ୍ତ

୨-୭-୬୭

[ ୩ୟ ପୃଷ୍ଠାର ଅବଶିଷ୍ଟାଂଶ ]

ଏ ପ୍ରଶ୍ନ ଚିନ୍ତାଶୀଳମାନଙ୍କ ମନରେ ସଂଗୋପନରେ ରହିଆସିଛି । ପ୍ରସିଦ୍ଧ ସାହିତ୍ୟିକ ନାଥାନିଏଲ୍ ହଥର୍ଣ୍ଣଙ୍କର ଗୋଟିଏ ପ୍ରଖ୍ୟାତ କାହାଣୀ 'ଡକ୍ଟର ହାଇଡେଗର୍‌ଙ୍କ ଏକ୍ସପେରିମେଣ୍ଟ'ରେ ଏହି ସମସ୍ୟା ଉପସ୍ଥାପିତ ହୋଇଛି । ଜଣେ ବୈଜ୍ଞାନିକ (ଲୋକେ ତାଙ୍କୁ ଯାଦୁକର ବୋଲି ଭାବୁଥିଲେ) ପୃଥିବୀର କୌଣସି ଅଜ୍ଞାତ ଅଞ୍ଚଳରୁ ଗୋଟିଏ ରହସ୍ୟମୟ ଝରଣାର କିଛି ପାଣି ସଂଗ୍ରହ କରିଥିଲେ । ସେ ପାଣି ଟିକିଏ ପିଇଲେ କିଛି ମାତ୍ରାରେ ବୟସ କମିଯାଏ; ଆହୁରି ପିଇଲେ ଆହୁରି କମିଯାଏ । ସେ ତାଙ୍କର ତିନିଜଣ ବୃଦ୍ଧ ବନ୍ଧୁ ଓ ଜଣେ ବୃଦ୍ଧା ବାନ୍ଧବୀଙ୍କୁ ଡାକି ସେମାନଙ୍କୁ ପ୍ରଥମେ ପ୍ରତିଶ୍ରୁତି କରାଇଲେ ଯେ; ସେମାନେ ଯଦି ପୁଣି ଯୌବନର ଅଧିକାରୀ ହୁଅନ୍ତି, ତେବେ ବିଗତ ଯୌବନ କାଳରେ କରିଥିବା ଭୁଲଭ୍ରାନ୍ତିର ପୁନରାବୃତ୍ତି ଆଉ କରିବେ ନାହିଁ । କିନ୍ତୁ ସେଇ ରହସ୍ୟମୟ ଝରଣାର ପାଣି ପିଇ ଯୌବନ ଫେରି ପାଇବା ମାତ୍ରେ ବୈଜ୍ଞାନିକଙ୍କ ଆଖି ଆଗରେହିଁ ନିଜ ନିଜର ପ୍ରତିଶ୍ରୁତିକୁ ଭୁଲିଯାଇ ତିନି ବୃଦ୍ଧ (ଆପାତତଃ ଯୁବକ) ବୃଦ୍ଧା (ଆପାତତଃ ଯୁବତୀ)ଙ୍କ ପ୍ରେମପାତ୍ର ହେବା ନିମନ୍ତେ ଯେଉଁଭଳି ଈର୍ଷା, ହିଂସା, ପ୍ରତିଯୋଗିତା ଆରମ୍ଭ କରିଦେଲେ, ତାହା ଦେଖି ବୈଜ୍ଞାନିକ କହିଲେ— "ଆଜି ଯଦି ମୋ ଦ୍ୱାର ଆଗରେ ସେଇ ଝରଣାଟି ବହି ଯାଉଥାନ୍ତା, ତେବେ ମଧ୍ୟ ମୁଁ ସେଥିରୁ ପାଣି ପିଇବାକୁ ଖାତିର କରନ୍ତି ନାହିଁ ।

ଗଳ୍ପଟିର ଅନ୍ତର୍ନିହିତ ଦର୍ଶନ ହେଲା : ଚେତନାର ନବଜନ୍ମ— ବା ରୂପାନ୍ତର ବିନା କେବଳ ମାତ୍ର ଶରୀରର ପୁନଃଯୌବନ ଲାଭ ଦ୍ୱାରା ବାସ୍ତବ ପ୍ରଗତି କିଛି ସମ୍ଭବପର ନୁହେଁ ।